ଶନିବାର, ୨ ଜୁଲାଇ, ୨୦୨୨

# ପିଲାଙ୍କ ଧରିତ୍ରୀ





୬ କହିଲ ଦେଖି
୮ ଆଇନା
୩
୭ ଜଣା ଅଜଣା

# ଗୁରୁଜୀଙ୍କ ପରୀକ୍ଷା

## ଗପ

ଅନେକ ଦିନ ତଳର କଥା । ସେତେବେଳେ ପିଲାମାନେ ଶିକ୍ଷା ଗ୍ରହଣ କରିବାକୁ ଋଷିଙ୍କ ଆଶ୍ରମକୁ ଯାଉଥିଲେ । ଋଷିମାନେ ସେମାନଙ୍କୁ ବୈଦିକ ଶିକ୍ଷା ସହ ଅନ୍ୟାନ୍ୟ ଶାରୀରିକ ଶିକ୍ଷା ମଧ୍ୟ ଦେଉଥିଲେ । ଦିନେ ଜଣେ ଋଷି କୌଣସି କାମରେ ତାଙ୍କ ଆଶ୍ରମ ଛାଡ଼ି ବାହାରକୁ ଯିବାକୁ ଚାହିଁଲେ । ଯିବା ପୂର୍ବରୁ ସେ ଆଶ୍ରମର ଦାୟିତ୍ୱ କାହାକୁ ଦେବେ ସେ ନେଇ ଚିନ୍ତାରେ ପଡ଼ିଗଲେ । କାରଣ ଆଶ୍ରମର ସମସ୍ତ ଶିକ୍ଷାର୍ଥୀ ସବୁ ବିଦ୍ୟାରେ ନିପୁଣ ଥିଲେ । ସେମାନଙ୍କ ମଧ୍ୟରୁ କିଏ ଶ୍ରେଷ୍ଠ ଏବଂ କିଏ ଆଶ୍ରମ ଦାୟିତ୍ୱ ଠିକ୍ ଭାବେ ତୁଲାଇ ପାରିବ ସେକଥା ଭାବି ଟିକିଏ ଚିନ୍ତାରେ ପଡ଼ିଗଲେ । ଅନେକ ସମୟ ଚିନ୍ତା କରିବା ପରେ ଋଷି ଟିକିଏ ପ୍ରସନ୍ନ ଦେଖାଗଲେ ।

ତା’ ପରଦିନ ସକାଳୁ ସକାଳୁ ଗୁରୁ ସବୁ ଶିଷ୍ୟଙ୍କୁ ଡାକିଲେ ଓ ସମସ୍ତଙ୍କ ହାତରେ ଗୋଟିଏ ଗୋଟିଏ ତମ୍ବା ଡାଳ ଧରେଇ କହିଲେ, “ଏ ଡାଳ ସବୁ ନେଇ ନଦୀରେ ଭଲ ଭାବେ ସଫା କରି ଆଣ ।”

ଯାହାର ଡାଳ ଯେତେ ଅଧିକା ଚକ୍‌ଚକ୍ କରିବ ମୁଁ ତାକୁ ଆଶ୍ରମର ଦାୟିତ୍ୱ ଦେଇ କିଛି ଦିନ ପାଇଁ ବାହାରକୁ ଯିବି ।

ଗୁରୁଙ୍କ କଥା ଶୁଣି ସମସ୍ତ ଶିଷ୍ୟ ଡାଳକୁ ନେଇ ମାଟି, ତେନ୍ତୁଳି ସାହାଯ୍ୟରେ ଘଷି ମାଜି ସଫା କରିବାରେ ଲାଗିଲେ । କିଛି ସମୟ ପରେ ସବୁ ଶିଷ୍ୟ ଫେରି ଆସି ଗୁରୁଜୀଙ୍କୁ ନିଜ ନିଜ ତମ୍ବା ଡାଳଟି ବଢ଼େଇ ଦେଲେ । ଗୁରୁଜୀ ସମସ୍ତଙ୍କ ଡାଳ ଦେଖିଲେ । ସମସ୍ତଙ୍କ ଡାଳ ଖୁବ ଉଜ୍ଜ୍ୱଳ ଦିଶୁଛି । କିନ୍ତୁ ସମସ୍ତଙ୍କ ଡାଳ ଦେଖିବା ପରେ ଗୁରୁଜୀଙ୍କ ମୁଖ ମଣ୍ଡଳରେ ବିଷଣ୍ଣ ଭାବ ଛାଇଗଲା ।



ଠିକ୍ ଏହି ସମୟରେ ମଧୁ ନାମକ ଗୋଟିଏ ଶିଷ୍ୟ ଆସି ନିଜର ଡାଳଟି ଗୁରୁଙ୍କୁ ବଢ଼େଇଦେଲା । ମଧୁ ସଫା କରି ଆଣିଥିବା ଡାଳଟି ଦେଖିବା ମାତ୍ରେ ଗୁରୁଙ୍କ ମୁହଁରେ ସ୍ମିତ ହାସ୍ୟ ଫୁଟି ଉଠିଲା ।

ସେ ଏଥର ସମସ୍ତ ଶିଷ୍ୟଙ୍କୁ ଡାକି କହିଲେ, “ଦେଖ ବତ୍ସ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ତୁମେ ସବୁ ଡାଳଗୁଡ଼ିକ ଖୁବ ସୁନ୍ଦର ଭାବେ ସଫା କରିଛ । କିନ୍ତୁ ଟିକିଏ ଲକ୍ଷ୍ୟ କର, ତୁମମାନଙ୍କ ଡାଳ ଓ ମଧୁର ଡାଳ ମଧ୍ୟରେ ପାର୍ଥକ୍ୟ ରହିଛି ।”

ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ! ଗୁରୁଜୀ କହିଲେ, ତୁମେ ସବୁ ଡାଳର ବାହାର ପଟଟି ଅତି ସୁନ୍ଦର ଭାବେ ସଫା ସିନା କରିଦେଲ, କିନ୍ତୁ ଭିତରଟା ସଫା ହୋଇନି । ମଧୁ କିନ୍ତୁ ଡାଳର ଉଭୟ ପଟ ଖୁବ୍ ସୁନ୍ଦର ଭାବେ ସଫା କରିଛି ।

ଏଥିରୁ ଗୋଟିଏ କଥା ବୁଝିବା ଉଚିତ ଯେ ମନୁଷ୍ୟ ଯେତିକି ବାହ୍ୟ ସୌନ୍ଦର୍ଯ୍ୟ, ଶିକ୍ଷା ଦୀକ୍ଷାର ଅଧିକାରୀ ଥିଲେ ମଧ୍ୟ ତା ହୃଦୟ ଯଦି ସଫା ନାହିଁ ସେ ଜଣେ ଉପଯୁକ୍ତ ମଣିଷ ନୁହଁ । ମଣିଷର ହୃଦୟରେ ଅନ୍ୟମାନଙ୍କ ପ୍ରତି ଦୟା, ସ୍ନେହ, କ୍ଷମା ପ୍ରେମ ଆଦି ରହିବା ଉଚିତ । ହିଂସା, ରାଗ, କ୍ରୋଧ, ଅହଂକାର ଶୂନ୍ୟ ହେବା ଉଚିତ । ବାହାରକୁ ଆମେ ଯେମିତି ସୁନ୍ଦର ଦେଖାଯିବା, ହୃଦୟ ଭିତରୁ ମଧ୍ୟ ଆମେ ସେତିକି ସ୍ୱଚ୍ଛ ଓ ନିର୍ମଳ ହେବା ଉଚିତ ।

ଏଥର ସମସ୍ତ ଶିଷ୍ୟ ଗୁରୁଙ୍କ କହିବାର ତାତ୍ପର୍ଯ୍ୟ ବୁଝି ପାରିଥିଲେ । ସେମାନେ ଶପଥ କରିଥିଲେ ଯେ ନିଜ ମନରୁ ରାଗ, ହିଂସା, କ୍ରୋଧ ଭଳି ଆବିଳତା ଦୂର କରିବେ ।

ଗୁରୁ ଏଥର ‘ମଧୁ’ ହାତରେ ଆଶ୍ରମର ଦାୟିତ୍ୱ ଦେଇ କିଛି ଦିନ ନିଶ୍ଚିନ୍ତରେ ରହିପାରିବେ ଏ କଥା ଭାବି ଆଶ୍ୱସ୍ତିରେ ନିଃଶ୍ୱାସ ମାରିଲେ ।

*–ସୁନୀତା ପ୍ରଧାନ*

*ଲକ୍ଷ୍ମୀପୁର, କୋରାପୁଟ, ମୋ: ୭୭୪୯୮୫୦୫୭୫*


## ଖିଲି ଖିଲି ହସ

ଅମନର ପରୀକ୍ଷା ଚାଲିଥାଏ, ହେଲେ ସେ କିଛି ନ ଲେଖି ବସି ଥାଏ । ଏହା ଦେଖି ଶିକ୍ଷକ ପଚାରିଲେ– ତୁମେ କ’ଣ ପରୀକ୍ଷା ଖାତାରେ କିଛି ନ ଲେଖି ବସିଛ ? ଅମନ– କିଛି ବି ମନେ ପଡୁନି କ’ଣ ଲେଖିବି ? ଶିକ୍ଷକ: କିଛି ତ ଆସୁଥିବ ? ଅମନ– ହଁ । ଶିକ୍ଷକ– କ’ଣ ? ଅମନ– କାନ୍ଦ !!!

**ଦୀପୁ:** ରକି ଜାଣିଲୁ, ମୋ ବାପା ବହୁତ ଡରୁଆ ?
**ରକି :** ତୁ କେମିତି ଜାଣିଲୁ ?
**ଦୀପୁ:** ସେ ଯେତେବେଳେ ରାସ୍ତା ପାର୍ ହୁଅନ୍ତି ମୋ ହାତକୁ ମାଡ଼ି ବସି ଧରି କୁହନ୍ତି ତୁ ମୋ ହାତକୁ କେବେ ଛାଡ଼ିବୁନି ।

**ଲିପୁ:** ମା’ କେମିତି ତରକାରୀ ରାନ୍ଧିଛୁ ଯେ ଗୋବର ଭଳି ଲାଗୁଛି ?
ଏହାଶୁଣି ବାପା କହିଲେ– ହେ, ଭଗବାନ୍! କେଜାଣି କ’ଣ କ’ଣ ଖାଇଛି ତାକୁ ଏବେ ଗୋବର ସ୍ୱାଦ କଥା ମନେପଡ଼ିଯାଉଛି ।

## ଚିତ୍ରରୁ ପ୍ରାଣୀଙ୍କୁ ଖୋଜ



## ମତାମତ

ଏଥର ‘ପିଲାଙ୍କ ଧରିତ୍ରୀ’ ପ୍ରଚ୍ଛଦ ପୃଷ୍ଠାଟି ଆକର୍ଷଣୀୟ ହୋଇଥିଲା ।

**–ଅଭୀପ୍ସା ମିଶ୍ର,** ଖଲ୍ଲିକୋଟ, ଗଞ୍ଜାମ

ଦୁଇବର୍ଷ ପରେ ରଥଟାଣିବା ପାଇଁ ପିଲାମାନେ ବହୁତ ଖୁସି ଅଛନ୍ତି । ‘ଚାଲ ଯିବା ରଥଯାତରା’ରୁ ସେମାନଙ୍କ ଜଗନ୍ନାଥଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ଦେଖି ଭାବବିହ୍ୱଳ ହୋଇଗଲି ।

**–ନୀଳିମା ମାନସିଂ,** ଖଣ୍ଡଗିରି, ଭୁବନେଶ୍ୱର

ଏଥରର ‘କବିତା’ ସ୍ତମ୍ଭଟିରେ ପ୍ରକାଶିତ ‘କଳିକଲୁଷନାଶନ’ କବିତାଟି ଚମତ୍କାର ହୋଇଥିଲା ।

**–ବିନୋଦ ପାଣିଗ୍ରାହୀ,** କୋଲାବିରା, ଝାରସୁଗୁଡ଼ା

‘ଗିନିଜ୍ ୱାର୍ଲ୍ଡ ରେକର୍ଡ’ ସ୍ତମ୍ଭରୁ ‘ସର୍ବକନିଷ୍ଠ ଯୋଗଗୁରୁ ରେୟାନ୍ସ’ଙ୍କ ବିଷୟରେ ପଢ଼ି ଆଶ୍ଚର୍ଯ୍ୟ ଲାଗିଲା ।

**– ସୁକନ୍ୟା ମହାନ୍ତି,** ଆଳି, କେନ୍ଦ୍ରାପଡ଼ା

‘ଆଇନା’ ପୃଷ୍ଠାରେ ଦୁଇ କୁନି ପିଲାଙ୍କର ଫଟୋ ବହୁତ ସୁନ୍ଦର ହୋଇଥିଲା ।

**–କିରଣ କର,** ବକ୍ସିବଜାର, କଟକ

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ (ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ । ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ ।

**ଆମ ଠିକଣା**
dharitrifeature@gmail.com

## ଟଗଲା ଭୀମ୍ବୁ





୧୯୬୦ ମସିହାରୁ ମହାକାଶକୁ ଟେଲିସ୍କୋପ ପଠାଇବା ଆରମ୍ଭ ହୋଇଛି। ସବୁଠାରୁ ଶକ୍ତିଶାଳୀ ଟେଲିସ୍କୋପର ନାଁ ହେଲା ହବଲ । ୧୯୯୦, ଏପ୍ରିଲ ୨୪ ତାରିଖରେ ଡିସ୍କଭୋଗରା ସଟଲ୍‌ଯାନ ଯୋଗେ ଏହାକୁ ମହାକାଶକୁ ପଠାଗଲା। ପୃଥିବୀଠାରୁ ୫୫୯ କିଲୋମିଟର ଦୂରରେ ଏକ ବୃତ୍ତାକାର କକ୍ଷରେ ରହି ଏହା ପୃଥିବୀକୁ ପ୍ରଦକ୍ଷିଣ କରିଛି। ପ୍ରତିଦିନ ପ୍ରାୟ ୧୫ ଥର ବୁଲିଅଛି । ଥରେ ପରିକ୍ରମା ପାଇଁ ୯୭ ମିନିଟ ଲାଗିଥାଏ।

# ମହାକାଶର ଜାଗ୍ରତ ପ୍ରହରୀ

**ବିନୋଦ ଚନ୍ଦ୍ର ଜେନା**

ଖରାଛୁଟି ହୋଇଥାଏ । ଦୀପୁ ୯ମ ଶ୍ରେଣୀରେ ପଢ଼େ । ଦିନେ ତା' ମାମୁଁଙ୍କ ସହିତ ଭୁବନେଶ୍ୱର ବୁଲିବାକୁ ଯାଇଥାଏ । ସେ ଦିନ ସୂର୍ଯ୍ୟଗ୍ରହଣ ହୋଇଥାଏ । ମାମୁଁ କହିଲେ, ଦିପୁ! ଆମେ ପଠାଣି ସାମନ୍ତ ପ୍ଲାନେଟୋରିୟମ ବୁଲିଯିବା । ସେଠାରେ ଆଜି ଗ୍ରହଣ ଯୋଗୁ ସୂର୍ଯ୍ୟଙ୍କୁ ଦେଖିବା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଦିପୁର ଉତ୍ସାହ ବଢ଼ିଲା ଓ ଦୁହେଁ ପ୍ଲାନେଟୋରିୟମ ବୁଲିବାକୁ ଗଲେ । ସେଠାରେ ଟେଲିସ୍କୋପ ସାହାଯ୍ୟରେ ସୂର୍ଯ୍ୟଙ୍କୁ ଦେଖିବା ପାଇଁ ଲମ୍ବା ଧାଡ଼ି ଲାଗିଛି ଓ ଜଣେ ଜଣେ ଦେଖୁଛନ୍ତି। ଦୀପୁ ଦେଖି ସାରିଲା ପରେ ଦୁହେଁ ଯାଇ ଏକ ସିମେଣ୍ଟ ବେଞ୍ଚ ଉପରେ ବସିଲେ। ଦିପୁ କହିଲା ''ମାମୁଁ ! ଆମ ବିଦ୍ୟାଳୟର ବିଜ୍ଞାନାଗାରରେ ଏକ ଛୋଟିଆ ଦୂରବୀକ୍ଷଣଯନ୍ତ୍ର ଅଛି, କିନ୍ତୁ ଏହା ତା'ଠାରୁ ବହୁତ ବଡ଼ ।'' ମାମୁଁ କହିଲେ, 'ଟେଲିସ୍କୋପ କିଏ ଉଦ୍ଭାବନ କରିଥିଲେ ?' ଦିପୁ କହିଲା, 'ବୈଜ୍ଞାନିକ ଗାଲିଲିଓ ୧୬୦୯ ମସିହାରେ ଉଦ୍ଭାବନ କରିଥିଲେ।' ମାମୁଁ କହିଲେ, ଠିକ୍ କହିଛୁ। ପୃଥିବୀପୃଷ୍ଠରୁ ଟେଲିସ୍କୋପ ଦ୍ୱାରା ନକ୍ଷତ୍ର, ନୀହାରିକା, ନକ୍ଷତ୍ରପୁଞ୍ଜ ଆଦି ସମ୍ପର୍କରେ ବହୁତ ତଥ୍ୟ ମିଳିପାରୁଛି। ଦୀପୁ କହିଲା, ଆମ ସାର୍ କହୁଥିଲେ ଟେଲିସ୍କୋପକୁ ମଧ୍ୟ ମହାକାଶକୁ ପଠାଯାଉଛି। ମାମୁଁ ମୋତେ ଏ ବିଷୟରେ ଭଲ ଭାବରେ କୁହନ୍ତୁ। ମାମୁଁ କହିଲେ, ଦେଖ ଦୀପୁ, ୧୯୬୦ ମସିହାରୁ ମହାକାଶକୁ ଟେଲିସ୍କୋପ ପଠାଇବା ଆରମ୍ଭ ହୋଇଛି। ସବୁଠାରୁ ଶକ୍ତିଶାଳୀ ଟେଲିସ୍କୋପର ନାଁ ହେଲା ହବଲ ଟେଲିସ୍କୋପ । ୧୯୯୦, ଏପ୍ରିଲ ୨୪ ତାରିଖରେ ଡିସ୍କଭୋଗରା ସଟଲ୍‌ଯାନ ଯୋଗେ ଏହାକୁ ମହାକାଶକୁ ପଠାଗଲା । ପୃଥିବୀଠାରୁ ୫୫୯ କିଲୋମିଟର ଦୂରରେ ଏକ ବୃତ୍ତାକାର କକ୍ଷରେ ରହି ଏହା ପୃଥିବୀକୁ ପ୍ରଦକ୍ଷିଣ କରିଛି। ପ୍ରତିଦିନ ପ୍ରାୟ ୧୫ ଥର ବୁଲିଅଛି। ଥରେ ପରିକ୍ରମା ପାଇଁ ୯୭ ମିନିଟ ଲାଗିଥାଏ। ଏଥିରେ ଥିବା ଦର୍ପଣର ବ୍ୟାସ ୨.୪୦ ମିଟର, ଲମ୍ବ ୧୩.୨ମିଟର ଓ ଓଜନ ୧୧,୧୧୦ କି.ଗ୍ରା । ଦୀପୁ ପଚାରିଲା, ମାମୁଁ! ବର୍ତ୍ତମାନ ସୁଦ୍ଧା ସେ କେତେଥର ବୁଲିଅଛି। ମାମୁଁ କହିଲେ, ୧୯୯୦ରୁ ୨୦୧୦ ମଧ୍ୟରେ ଅର୍ଥାତ୍ ୨୦ ବର୍ଷ ମଧ୍ୟରେ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଥର ପୃଥିବୀକୁ ପରିକ୍ରମା କରିଅଛି। ତାକୁ ପୁଣି ୬ଥର ମରାମତି କରାଯାଇଛି। ପୁଣି ମାମୁଁ କହିଲେ, ଦୀପୁ! ଗୋଟିଏ ମହାକାଶ ଯାନର କାର୍ଯ୍ୟକ୍ଷମତା ନିର୍ଦ୍ଦିଷ୍ଟ କିଛି ବର୍ଷ ପର୍ଯ୍ୟନ୍ତ । ସେ ଅକାମୀ ହୋଇଗଲେ ତାକୁ ଫେରାଇ ଅଣାଯିବ ଓ ତା' ସ୍ଥାନରେ ଆଉ ଗୋଟିଏ ପଠାଯିବ।

ତେଣୁ ତା' ସ୍ଥାନରେ ଆଉ ଗୋଟିଏ ଶକ୍ତିଶାଳୀ ଟେଲିସ୍କୋପ 'ଜେମ୍‌ସ ୱେବ୍ ଟେଲିସ୍କୋପ' ୨୦୨୧, ଡିସେମ୍ବର ୨୫ ତାରିଖରେ ମହାକାଶକୁ ପଠାଗଲା। ଟେଲିସ୍କୋପଟି ଫ୍ରାନ୍ସରୁ ଅରିୟାନ ରକେଟ ଦ୍ୱାରା ମହାକାଶକୁ ପଠାଯାଇଛି। ଏହା ଭିତରେ ୧୪୦ଟି ଛୋଟ ବଡ଼ ମେଶିନ୍ ଖଞ୍ଜା ଯାଇଛି। ପୃଥିବୀର ବିଭିନ୍ନ ଅଞ୍ଚଳର ଫଟୋଗୁଡ଼ିକୁ ଅତି ସ୍ପଷ୍ଟ ଭାବେ ଆଣିପାରୁଛି। ଏହା ପୃଥିବୀପୃଷ୍ଠରୁ ୧.୬ ମିଲିୟନ କି.ମି. ଦୂରରେ ରହିଛି। ହବଲ ଟେଲିସ୍କୋପ ଠାରୁ ୧୦୦ ଗୁଣ ଶକ୍ତିଶାଳୀ। ଏହାର ଦର୍ପଣର ବ୍ୟାସ ୬.୫ ମିଟର । ହବଲ ଟେଲିସ୍କୋପ ଅପେକ୍ଷା ପ୍ରାୟ ୭ ଗୁଣ ପରିମାଣର ଆଲୋକ ଚିତ୍ରକୁ ଏକତ୍ରକରଣ କରିବାର କ୍ଷମତା ରହିଛି। ଏହା ୧ ସେକେଣ୍ଡରେ ୧.୩୯ କି.ମି. ଗତି କରୁଛି। ଏହା ବିଶ୍ୱ ବ୍ରହ୍ମାଣ୍ଡର ପ୍ରଥମ ଗାଲାକ୍ସି ବା ଛାୟାପଥକୁ ଦେଖି ତା'ର ଫଟୋ ପଠାଇବ। ଏହା ଏତେ ଶକ୍ତିଶାଳୀ ଯେ, ପ୍ରାୟ ୧୨୦୦ କୋଟି ଆଲୋକବର୍ଷ ଦୂରବର୍ତ୍ତୀ ମହାକାଶ ପିଣ୍ଡର ଫଟୋ ଉଠାଇବା ପାଇଁ ସମର୍ଥ। ଏହି ଟେଲିସ୍କୋପ ୧୦୦ ମିଲିୟନ ବର୍ଷ ତଳର ପୃଥିବୀର ଆକାର ଉପରେ ଧାରଣା ଦେଇଅଛି। ଏହା ସୂର୍ଯ୍ୟଙ୍କ ଠାରୁ ଆସୁଥିବା ଅବଲୋହିତ ରଶ୍ମି, ଅତିବାଇଗଣୀ ରଶ୍ମି ଓ ଇନ୍‌ଫ୍ରାରେଡ ରଶ୍ମିର ବିକିରଣକୁ ବ୍ୟବହାର କରି ମହାକାଶ ପିଣ୍ଡର ଫଟୋ ଉଠାଇଥାଏ।

ଦୀପୁ ପଚାରିଲା ''ମାମୁଁ! ଏହି ଜେମ୍‌ସ ଟେଲିସ୍କୋପ କେତେବର୍ଷ କାର୍ଯ୍ୟ କରିପାରିବ ?'' ମାମୁଁ କହିଲେ, ଏହା ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ କାର୍ଯ୍ୟ କରିପାରିବ ଓ ଉପଯୁକ୍ତ ମରାମତି କଲେ ଆଉ ଅଧିକ ୫ ବର୍ଷ କାର୍ଯ୍ୟକ୍ଷମ ହୋଇପାରିବ। ଦୀପୁ କହିଲା, ଆଗାମୀ ୨୦୫୦ ମସିହା ପର୍ଯ୍ୟନ୍ତ ଏହା ମହାକାଶରେ ରହି ମହାକାଶରେ ଥିବା କେତେ ଯେ ଅଜଣା ତାରା, ନକ୍ଷତ୍ରମାନଙ୍କ ବିଷୟରେ ତଥ୍ୟ ଦେଇପାରିବ। ମାମୁଁ କହିଲେ, ତୁ ଠିକ୍ କହିଛୁ। ଚାଲ ଡେରି ହେଲାଣି, ଖାଇସାରି ପୁଣି ମ୍ୟୁଜିୟମ୍ ବୁଲିଯିବା।

–ପାରଳାଖେମୁଣ୍ଡି, ଗଜପତି
ମୋ:୯୪୩୮୦୭୪୪୬୪




୧ ସୁବ୍ରାଟି ପତି
କ୍ଲାସ- ୩,
କେନ୍ଦ୍ରୀୟ
ବିଦ୍ୟାଳୟ ନଂ-୧,
ଭୁବନେଶ୍ୱର





୨ ଅଂଶୁମାନ
ପରିଡା
କ୍ଲାସ-୫, ୟଙ୍ଗ
ଫୋନିକ୍ସ ପବ୍ଲିକ ସ୍କୁଲ,
ନୟାହାଟ, ପୁରୀ

୩ ଦୀକ୍ଷା ଦେବାଂଶୀ
ବରାଳ
କ୍ଲାସ- ୪, କେନ୍ଦ୍ରୀୟ
ବିଦ୍ୟାଳୟ ନଂ-୧,
ଭୁବନେଶ୍ୱର





୪ ଆୟୁଷ୍ମାନ
ମହାନ୍ତି
କ୍ଲାସ- ୪, ଷ୍ଟିୱାର୍ଟ
ସ୍କୁଲ, ୟୁନିଟ-୮,
ଭୁବନେଶ୍ୱର

୫ ଆରାଧ୍ୟା ଜୟସିଂହ
କ୍ଲାସ- ୧,
ରୁଚିକା ପ୍ରେସ
ସ୍କୁଲ, ଗଙ୍ଗନଗର,
ଭୁବନେଶ୍ୱର





୬ ସାଇଜ୍ୟୋତି
ମହାପାତ୍ର
କ୍ଲାସ- ୭, ବାଘୁଆ
ସରକାରୀ ଉଚ୍ଚ
ବିଦ୍ୟାଳୟ, ବାଘୁଆ,
ବାଲେଶ୍ୱର



୭ ମେହେକ ମହାନ୍ତି
କ୍ଲାସ-୬, ଲୟୋଲା
ସ୍କୁଲ, ନିଅୁ
ପୋଖରାନ୍ ଭିଲେଜ,
ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର

୮ ଆଦିତି ରାଉତ
କ୍ଲାସ-୭,
ଡିଏମ୍ ପବ୍ଲିକ
ସ୍କୁଲ, ବଡଗଡ,
ଭୁବନେଶ୍ୱର





୯ ସାଇ ଦିବ୍ୟାଂଶୀ
ବାରିକ
କ୍ଲାସ- ୩,
ସରସ୍ୱତୀ ଶିଶୁ
ମନ୍ଦିର, ନାଲିବର,
ଜଗତସିଂହପୁର

୧୦ ତନିଶା ବିଶ୍ୱାଳ
କ୍ଲାସ-୨,
ଭେଙ୍କଟେଶ୍ୱର
ଇଂଲିଶ ମିଡିୟମ୍
ସ୍କୁଲ, ବରମୁଣ୍ଡା,
ଭୁବନେଶ୍ୱର





୧୧ ରବିନାରାୟଣ
ପରିଜା
କ୍ଲାସ- ୪,
କେନ୍ଦ୍ରୀୟ
ବିଦ୍ୟାଳୟ ନଂ- ୧,
ଭୁବନେଶ୍ୱର

୧୨ ଦିବ୍ୟଜ୍ୟୋତି
ବାରିକ
କ୍ଲାସ- ୬, ଓଡିଶା
ଆଦର୍ଶ ବିଦ୍ୟାଳୟ,
ରଘୁନାଥପୁର,
ଜଗତସିଂହପୁର





୧



୨



୩




୪



୫



୬




୭



୮




୯



୧୦



୧୧



୧୨

# ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




## ସର୍ବକନିଷ୍ଠ ଲେଖିକା

କିଛି କରି ଦେଖାଇବାକୁ ହେଲେ ବୟସକୁ କେବଳ ସଂଖ୍ୟା ଭାବରେ ହିଁ ଗଣାଯାଏ । ତାହାକୁ ପ୍ରମାଣିତ କରି ଦେଖାଇଛନ୍ତି ୫ବର୍ଷୀୟା ବେଲା । ଇଂଲଣ୍ଡର ବେଲା ଜାୟ ଡାର୍କ ୫ବର୍ଷ ବୟସରେ 'ଦି ଲଷ୍ଟ କ୍ୟାଟ୍' ନାମକ ବହିକୁ ପ୍ରକାଶ କରିଛନ୍ତି । ବିଶ୍ୱର ସର୍ବକନିଷ୍ଠ ଲେଖିକା ଭାବେ ସେ ଗିନିଜ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି । ଏହି ପୁସ୍ତକରେ ଗୋଟିଏ ବିଲେଇ ଛୁଆ ବରଫପାତର ରାତିରେ ତା' ମାଆ ପାଖରୁ ହଜିଯାଉଛି,ଏହାର ମିଷ୍ଟ୍ରି ବହିର ଶେଷ ଅଧ୍ୟାୟରେ ଜଣାପଡୁଛି । ଏହି ବହିକୁ ଲେଖିବା ସହିତ ବେଲା ଏଥିରେ ଛପା ଯାଇଥିବା ସବୁ ଚିତ୍ରକୁ ନିଜେ ଆଙ୍କିଛନ୍ତି । ବହିଟି ବହୁ ପରିମାଣରେ ପିଲାଙ୍କୁ ପସନ୍ଦ ଆସିଛି । ଏହାର ୧୦୦୦ଟି କପି ଏ ପର୍ଯ୍ୟନ୍ତ ବିକ୍ରି ହୋଇସାରିଛି । ବେଲାଙ୍କ ମାଆ ଚେଲସୀ ଝିଅକୁ ଏଥିରେ ବହୁତ ସାହାଯ୍ୟ କରିଛନ୍ତି । ତାଙ୍କ ପ୍ରେରଣା ଓ ସାହାଯ୍ୟ ଯୋଗୁ ଏହି ବହିଟି ପ୍ରକାଶିତ ହୋଇପାରିଛି ବୋଲି ବେଲା କହିଛନ୍ତି । ଚେଲସୀ କୁହନ୍ତି,ଯେତେବେଳେ ଝିଅ ବହି ଲେଖିବା ପାଇଁ ଇଚ୍ଛା କଲା ମୁଁ ହଁ ଭରିଥିଲି । ଭାବିଥିଲି ଅଳ୍ପ ବୟସରେ ପିଲାମାନେ ଏମିତି ବହୁତ କିଛି କରିବାକୁ ଇଚ୍ଛାପ୍ରକାଶ କରନ୍ତି । କିନ୍ତୁ ପରେ ଝିଅର ଏଥିପ୍ରତି ଆଗ୍ରହ ଓ ନିଷ୍ଠା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି । ଏହି ବହଟି ପିଲାଙ୍କୁ ଗପ ମାଧ୍ୟମରେ ସକାରାତ୍ମକ ଶିକ୍ଷା ଦେବ । ପିଲାମାନେ ଏଥିରୁ ବହୁତ କିଛି ଶିଖିବାକୁ ପାଇପାରିବେ ।

# ଏଥରର

- ବିଶ୍ୱପ୍ରସିଦ୍ଧ ରଥଯାତ୍ରା କେବେ ଅନୁଷ୍ଠିତ ହୁଏ ?
- ନନ୍ଦିଘୋଷ ରଥ ଆଉ କେଉଁ ନାମରେ ପରିଚିତ ?
- ଜଗନ୍ନାଥଙ୍କ ରଥର ଧ୍ୱଜାର ନାମ ?
- ଅର୍ଜୁନ କେଉଁ ରଥର ସାରଥି ?
- ତାଳଧ୍ୱଜ ରଥର ଘୋଡ଼ା କେଉଁ ରଙ୍ଗର ?

## ଗତଥରର ଉ ତ୍ତ ର

- ଭୁଟାନ୍
- ପାକିସ୍ତାନ
- ନାଥାନିଲ୍ ବାଲ୍ଡ୍‌ଉନ୍
- ଇଜିପ୍ଟ
- କାଲିଫର୍ନିଆ



# କବିତା

## ରଥଯାତରା

ବଡ଼ଦାଣ୍ଡେ ବିଜେ ତିନୋଟି ରଥ
ରଥଯାତରାରେ ହୋଇଛି ସଜ ।
ତାଳଧ୍ୱଜେ ବିଜେ ଶ୍ରୀବଳଦେବ
ଦର୍ପଦଳନରେ ସୁଭଦ୍ରା ମାତ ।
ନନ୍ଦିଘୋଷେ ବିଜେ କାଳିଆ ସାଆନ୍ତ
ଦରଶନ ପାଇ ଭକ୍ତ ବିମୋହିତ ।
ଭକତ ଗହଣେ ଜଗତ ନାଥ
ଲୀଳାଖେଳା ରଚି କରିବେ ଯାତ ।
ମହାପ୍ରଭୁଙ୍କର ଗୁଣ୍ଡିଚା ଯାତ
ଜୀବନରେ ଥରେ ଦେଖିଦେଲେ
ମିଳଇ ମୁକତି ସୁଖ ସନ୍ତୋଷ ।

**–ଅର୍ଚ୍ଚନା କର**
ବେହେରାସାହି,
ନୟାପଲ୍ଲୀ, ଭୁବନେଶ୍ୱର

## ରଥରେ ବସିଛି ଜଗା

ସେବକ ମେଳରେ ଝୁଲି ଝୁଲି ଆସି
ରଥେ ବସିଲାଣି ଜଗା,
ଭାଇ ବଳରାମ ଭଉଣୀ ସୁଭଦ୍ରା
ବେଶ ତାଙ୍କ ମନଲୋଭା ।
ଜଗତ ପ୍ରସିଦ୍ଧ ପୁରୀ ରଥଯାତ୍ରା
ଦେଶ ବିଦେଶରୁ ଭକ୍ତ
ଆସିଲେଣି ଧାଇଁ ଦେଖିବା ପାଇଁ
ବଡଦାଣ୍ଡେ ଜଗନ୍ନାଥ ।
ଘଣ୍ଟ ହୁଳହୁଳି ବାଜଇ କାହାଳୀ
ଗୋଟିପୁଅ ନୃତ୍ୟ ମଜା,
ଆସ କୁନୁ ମୁନୁ ଦିଅଁଙ୍କୁ ଦେଖିବା
ଖାଇଣ ଯାତରା ଖଜା ।

**–ସୀମାଞ୍ଚଳ ଖଟୁଆ**
ମଞ୍ଚେଶ୍ୱର, ଭୁବନେଶ୍ୱର



## ପୁଣ୍ୟ ବଡ଼ଦାଣ୍ଡ

ବରଷକେ ଥରେ ଗୁଣ୍ଡିଚା ଯାତରେ
ବାହାରକୁ ବୁଲି ଆସୁଛି
ବଡ଼ଦାଣ୍ଡେ ହରି ଖେଳାଲୀଳା କରି
ଶ୍ରୀମନ୍ଦିର ଫେରି ଯାଉଛି !
କେତେଯେ ଭକତ ହେଲେ ସମବେତ
ବଡ଼ଦାଣ୍ଡ ନେଲା କୋଳେଇ
ଭକତ ତାହାର ଅତି ଆପଣାର
କିଏ ଯିବ ତାକୁ ବଳେଇ !
ଜୟ ଜଗନ୍ନାଥ ଗଡ଼ିଗଲା ରଥ
ପୁଣ୍ୟ ବଡ଼ଦାଣ୍ଡ ଛାତିରେ
ସଂଗେ ହଳପାଣି ସୁଭଦ୍ରା ଭଉଣୀ
ଥିଲେ ଚକାଡ଼ୋଳା ସାଥିରେ !
ଦୂର ଭକ୍ତମାନେ ସାଥୀଙ୍କ ଗହଣେ
ବଡ଼ଦାଣ୍ଡେ ନେଲେ ଆଶ୍ରୟ
ଆନନ୍ଦ ମନରେ ଶୋଇଲେ ଶାନ୍ତିରେ
ମନରୁ ତୁଟାଇ ସଂଶୟ !
ବାହୁଡ଼ାରେ ବାହୁଡ଼ିବେ ମହାବାହୁ
ଶରଧାବାଲିକୁ ବୁଝେଇ
ମାଉସୀ ବାଟରେ ସ୍ନେହ ମମତାରେ
ପୋଡ଼ପିଠା ଦେବ ଖୁଆଇ !
ସୁନାବେଶ ହେବ ମୋ କଳାମାଧବ
ରଥ ଥିବ ବଡ଼ଦାଣ୍ଡରେ
ଦରଶନେ ଭକ୍ତ ହେବେ ବିମୋହିତ
ଜଗା ନାମ ଥିବ ତୁଣ୍ଡରେ !
ଅଧର ପଣାଟି ପାଳିତ ହେବଟି
ବଡ଼ଦାଣ୍ଡେ ଥିବେ ଠାକୁର
ବଡ଼ଦାଣ୍ଡ ଧୂଳି ଶରୀରରେ ବୋଳି
ମଥା ନଇଁ କର ଜୁହାର !

**–ଜଗଦୀଶ ସାହୁ**
ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ

# କହିଲ ଦେଖି

କଳା ରଙ୍ଗ ଅଟେ ତାଙ୍କ ଶରୀର
ଭାବେ ବାନ୍ଧିଥିଲେ ଭକ୍ତ ବିଦୂର
ଅଭାବେ ରୁହନ୍ତି ଦୂର
ଭକ୍ତ ବାନ୍ଧିଦେଲେ ହୃଦୟ ତାଙ୍କର
ବଢ଼ାଇ ଦିଅନ୍ତି କର,
ସୂର୍ଯ୍ୟ ଚନ୍ଦ୍ର ପରି ଆଖି
ଯେତେ ଦୂରେ ଥାଇ ଯାହାବି କରିଲେ
ଜାଣିପାରେ ସବୁ ଦେଖି
କହିଦେବ ଯିଏ ନାମଟି ତାଙ୍କର
ସର୍ବଦା ହେବ ସେ ସୁଖୀ ?



ଉତ୍ତର– **ଶ୍ରୀଜଗନ୍ନାଥ**

ଆସନ ଭିତରେ ଆସନ ତାଙ୍କ ବଡ଼ ଆସନ
ବସିଥାନ୍ତି ସଦା ସେଇଠି ଦେବାକୁ ସେ ଦର୍ଶନ ।
ଏକା ବସନ୍ତିନି ସେଠାରେ ଥାନ୍ତି ଭାଇ ଭଉଣୀ
ବସନ୍ତିନି କେବେ ସେଇଠି ପାଖେ ତାଙ୍କ ଘରଣୀ ।
ଛୁଇଁବାକୁ ତାଙ୍କ ଆସନ ଭକ୍ତ ହୁଏ ଅଧୀର
ସେ ଆସନ ନାମ କିଏ ସେ କହି ଦିଅ ତାଙ୍କର ।



ଉତ୍ତର– **ରତ୍ନସିଂହାସନ**

ତାଙ୍କରି ଯାତ ବିଶ୍ୱ ବିଖ୍ୟାତ
ପଡ଼ଇ ବର୍ଷକୁ ଥରେ
ଦେଖିବାକୁ ଭକ୍ତ ଭିଡ଼ ଜମାନ୍ତି
ଦେଶ ବିଦେଶରୁ ନରେ
ରାଜା କରିଥାନ୍ତି ଛେରାପହଁରା
ବିଚିତ୍ର ଲୀଳା ତାଙ୍କର
ଡାହୁକ ପଦିଏ ଗାଇଲେ ସଙ୍ଗୀତ
ରଥ ଗଡ଼େ କି ସୁନ୍ଦର !
ଏଯାତକୁ ଯିଏ ଥରେ ଦେଖିଦିଏ
ସବୁ ପାପ ଛାଡ଼ିଯାଏ
ଏ ଯାତରା ନାମ କହି ଦେବ ଯିଏ
ଜଗାର ଭକତ ସିଏ ।



ଉତ୍ତର– **ରଥଯାତ୍ରା**

**–ଦୀନବନ୍ଧୁ ପୋଇ**
ଗୋରଡ଼ା ପାଳ, କରମୂଳ,
ମହିମା ଗାଦି, ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨

# ଜଣା ଅଜଣା



**ହାତଧରି ଶୁଅନ୍ତି ସି' ଅଟର**

ସି' ଅଟରର ଲୋମ ସବୁଠାରୁ ଗହଳିଆ ହୋଇଥାଏ । ଏକ ବର୍ଗସେଣ୍ଟିମିଟର ମଧ୍ୟରେ ଏମାନଙ୍କର ଲୋମ ଏକ ଲକ୍ଷରୁ ଅଧିକ ରହିଥାଏ । ଆଉ ଗୋଟିଏ ରୋଚକ କଥା ହେଲା ଏମାନେ ପାଣି ମଧ୍ୟରେ ଶୋଇବା ସମୟରେ ଜଣେ ଜଣଙ୍କର ହାତ ଧରି ଶୋଇଥାନ୍ତି । ଏହାଦ୍ୱାରା ଏମାନେ ସହଜରେ ଅଲଗା ହୋଇ ନ ଥାନ୍ତି ।



**ମହୁମାଛିର ଆଖି**

ଗୋଟେ ମହୁମାଛିର ୫ଟି ଆଖି ଅଛି । ପ୍ରଥମ ଦୁଇଟି ଆଖି ତା ସାମ୍ନାରେ ଥିବା ବେଳେ ଆଉ ତିନୋଟି ଛୋଟ ଆଖି ସ୍ୱାଇଡର ଆକାରର ହୋଇଥାଏ । ସେଥିପାଇଁ ସେ ତା' ଶତ୍ରୁକୁ ଖୁବ୍ ସହଜରେ ଆକ୍ରମଣ କରିପାରେ ।



**ପୋଲାର ବିୟର**

ପୋଲାର ବିୟର ସ୍କିନ୍ ଉପରେ ଯେଉଁ ଲୋମ ଥାଏ ତାହା ଦେହକୁ ଉଷୁମ ରଖିବା ସହ ଥଣ୍ଡା ଦାଉରୁ ରକ୍ଷା କରିଥାଏ । ଏହା ସାହାଯ୍ୟରେ ସେ ଥଣ୍ଡା ଏବଂ ବରଫ ଅଞ୍ଚଳରେ ଖୁବ୍ ସହଜରେ ବଞ୍ଚିପାରେ ।



**ମୃତଦେହକୁ ଘୋଡ଼ାଏ ହାତୀ**

ହାତୀ ଏମିତି ଏକ ପ୍ରାଣୀ ଯିଏ କି କୁଦି ପାରେନାହିଁ । ହାତୀ ନିଜ ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ ହେଲେ ସେ କ'ଣ କରେ ଜାଣିଛ ? ଏହି ସମୟରେ ସେ ମୃତଦେହଟିକୁ ମାଟି ଏବଂ ପତ୍ରରେ ଘୋଡାଇ ଦେଇଥାଏ ।



**ନିଜ ଗୋଷ୍ଠୀର ସଦସ୍ୟଙ୍କୁ ସହଜରେ ଚିହ୍ନିପାରେ ମେଣ୍ଢା**

ସୋସିଆଲ ଆନିମଲ ଭାବେ ମେଣ୍ଢା ଖୁବ୍ ଜଣାଶୁଣା । ସେ ଖୁବ୍ ସହଜରେ କିଏ ତାହାର ନିଜ ଗୋଷ୍ଠୀର କି ନୁହେଁ ଠଉରାଇ ପାରେ । ସେମାନଙ୍କ ନିଜ ଗୋଷ୍ଠୀର ମେଣ୍ଢା ଯଦି ହଜିଯାଇଥାଏ ତାହାର ମୁହଁକୁ ଦେଖି ସହଜରେ ଚିହ୍ନି ପାରନ୍ତି ।



**ରାଇନୋର ଶିଙ୍ଗ**

କେତେକ ରାଇନୋ ଅଛନ୍ତି ତାଙ୍କର ଦୁଇଟି ଶିଙ୍ଗ ଥିବାବେଳେ ଆଉ କେତେକଙ୍କର ଗୋଟିଏ ଶିଙ୍ଗ ଥାଏ । ତାଙ୍କ ଶରୀରରେ ଥିବା କେରାଟିନ୍ ନାମକ ପ୍ରୋଟିନ୍ ଅସନ୍ତୁଳନ ହେଲେ ସେମାନଙ୍କର ଶିଙ୍ଗ ଉଠିବାରେ ତାରତମ୍ୟତା ଦେଖାଯାଇଥାଏ ।

# ଆ
# ଇ
# ନା



ପ୍ରାଚୀ ଦାଶ
୧୨ ବର୍ଷ / ଭୁବନେଶ୍ୱର



ଟି. ଏସ୍ ସମାଇରା
୪ ବର୍ଷ / କେନ୍ଦୁଝର